# ODM PUBLIC SCHOOL

**CLASS :3**
**SUBJECT : ODIA**
**CHAPTER NUMBER: 05**
**CHAPTER NAME : କ୍ରିକେଟ ଖେଳ**
**SUBTOPIC :ଅଭ୍ୟାସ -୬,୭ ,୯ ,୧୦ ଓ ବାକ୍ୟ ଗଠନ**

# କ୍ରିକେଟ ଖେଳ





# କ୍ରିକେଟ୍ ଖେଳ

ODM EDUCATIONAL GROUP
Changing your Tomorrow

ଖରାଦିନ ସରିଆସୁଥାଏ । ବର୍ଷା ନ ଥାଏ । ଅସହ୍ୟ ଗରମ । ପର୍ବତ ପାଖ ପଡ଼ିଆରେ ବିଲୁଆ ଓ ଠେକୁଆ ବସିଥିଲେ । କ୍ରିକେଟ୍ ଖେଳ ଉପରେ ଆଲୋଚନା କରୁଥିଲେ । ବିଲୁଆ କହିଲା, ଠେକୁଆଭାଇ ଆମେ ଟିକେ କ୍ରିକେଟ୍ ଖେଳ ଖେଳିବା ନାହିଁ! ଠେକୁଆ ତା' କଥାରେ ହଁ ଭରିଲା ।

46IAV5



ଖେଳ ପୂର୍ବରୁ ସଭାଟିଏ ବସିବ । ଗାତରେ ରହୁଥିବା ମୂଷା ଓ ସାପକୁ ବିଲୁଆ ଖବର ଦେଲା । ପଥରଖୋଲ ଭିତରେ ରହୁଥିବା ବାଘ ଓ ଭାଲୁଙ୍କୁ ବି ଡକାଗଲା । ଗଛକୋରଡ଼ରେ ରହୁଥିବା ଶାଗୁଣା, ପେଚା, କାଠହଣା ଆଦି



ସଭା ବସିଲା । ଖେଳ ଦିନ ଠିକ୍ ହେଲା । ବିଲୁଆ ଗୋଟାଏ ଦଳର କ୍ୟାପ୍‌ଟେନ୍, ଅନ୍ୟଦଳର କ୍ୟାପ୍‌ଟେନ୍ ଠେକୁଆ । ଖାଇବାପାଇଁ ବିସ୍କୁଟ୍ ଓ ସର୍ବତର ଯୋଗାଡ଼ ହେଲା । ଭାଲୁ କହିଲା, ବିଜୟୀ ଦଳକୁ କ'ଣ ପୁରସ୍କାର ଦେବା ? ହାତୀ କହିଲା, ଦର୍ପଣ ଦେବା ।



ଘରଚଟିଆ ସର୍ବତ ତିଆରି କରିବା ପାଇଁ କହିଲା । ଭାଲୁ, ବିସ୍କୁଟ୍ ଓ ଦର୍ପଣ କିଣିବାର ଦାୟିତ୍ୱ ନେଲା । ମୂଷା ବ୍ୟାଟ୍ ତିଆରି କଲା । ତାକୁ କାଠହଣା ଚଢ଼େଇ ସାହାଯ୍ୟ କଲା । ବଣି ବଲ୍‌ଟିଏ ଆଣିଲା । ଦୁଇଦଳ ଜୋରସୋରରେ ଖେଳ ଅଭ୍ୟାସ କଲେ । ପ୍ରତିଦିନ ବ୍ୟାୟାମ କଲେ । ଖେଳଦିନ ସକାଳୁ ଭାଲୁ ସ୍କୁଟର ଧରି ବିସ୍କୁଟ୍ ଓ ଦର୍ପଣ ଆଣିବାକୁ ଗଲା ।



ଠେକୁଆଦଳ ବୋଲିଂ କଲେ । ବିଲୁଆଦଳ ବ୍ୟାଟିଂ କଲେ । ଅନ୍ୟମାନେ ଖେଳ ଦେଖିଲେ । ପ୍ରଥମ ବଲ୍‌ରେ ବିଲୁଆଦଳର ଜଣେ ଆଉଟ୍ ହେଲା । ଠେକୁଆଦଳ ଓ

ODM EDUCATIONAL GROUP
Changing your Tomorrow



ଅନ୍ୟମାନେ ଖୁସିରେ ତାଳି ମାରିଲେ । ବାଦ୍ୟ ବଜାଇଲେ । ଆଉ ଗୋଟିଏ ବଲରେ ବିଲୁଆଦଳରୁ ଜଣେ ଛକା ମାରିଲା । ବଲ୍‌ଟି ଯାଇ ଗାତରେ ପଡ଼ିଲା । ସାପ ଗାତ ଭିତରୁ ବଲ୍ ଆଣିଲା । ଖେଳ ସରିଆସୁଥାଏ । ଭାଲୁର ଦେଖା ନ ଥାଏ । ଘରଚଟିଆ ତାକୁ ଖୋଜିବାକୁ ଗଲା ।

ଠେକୁଆଦଳ ଛଅ ୱିକେଟରେ ଖେଳ ଜିତିଲେ । ଖୁସିରେ ଗୀତ ଗାଇଲେ । ବାଦ୍ୟ ବଜାଇଲେ । ତା’ପରେ ଅନ୍ୟମାନେ ନିଜ ନିଜ ଘରକୁ ଫେରିଗଲେ ।

# ପ୍ରଶ୍ନ ଉତ୍ତର ଲେଖ  (ଅଭ୍ୟାସ-୬,୭ ,୯ ,୧୦ )

୬- ବିଲୁଆ କାହା  କାହାକୁ ସଭା କୁ ଡ଼ାକିଥିଲା ?

୭ –କଙ୍କଡା କେଉଁ ମାନଙ୍କୁ ସଭାକୁ ଆସିବା ପାଇଁ ଖବର ଦେଲା ?

୯ –ସାପ କାହିଁକି ଗାତ ଭିତରୁ ବଲ ଆଣିଥିବ ?

୧୦ –ଭାଲୁ କାହିଁକି ଠିକ ସମୟରେ ପହଞ୍ଚିପାରି ନଥିବ ?

# ପ୍ରଶ୍ନ ଉତ୍ତର ଲେଖ (ଅଭ୍ୟାସ-୬,୭ ,୯ ,୧୦ )

୬- ବିଲୁଆ କାହା  କାହାକୁ ସଭା କୁ ଡ଼ାକିଥିଲା ?

ଉ – ବିଲୁଆ  ମୂଷା,ସାପ ,ବାଘ ଓ ଭାଲୁକୁ ସଭା କୁ ଡ଼ାକିଥିଲା

୭ –କଙ୍କଡା କେଉଁ ମାନଙ୍କୁ ସଭାକୁ ଆସିବା ପାଇଁ ଖବର ଦେଲା ?

ଉ –କଙ୍କଡା ପାଣିରେ ଥିବା ଜୀବ ଯଥା –ବେଙ୍ଗ ,କଇଁଛ,ମଗର ଓ ଚିଙ୍ଗୁଡି ଙ୍କୁ ସଭାକୁ  ଆସିବା ପାଇଁ ଖବର ଦେଲା  ।

୯ –ସାପ କାହିଁକି ଗାତ ଭିତରୁ ବଲ ଆଣିଥିବ ?

ଉ –ସାପ ଗାତରେ ରହୁଥିବାରୁ ଗାତ ଭିତରେ ପଡିଯାଇଥିବା ବଲକୁ ଗାତ ଭିତରୁ ଆଣିଥିବ ।

୧୦ –ଭାଲୁ କାହିଁକି ଠିକ ସମୟରେ ପହଞ୍ଚିପାରି ନଥିବ ?

ଉ –ଭାଲୁ ଠିକ ସମୟରେ ପହଞ୍ଚିପାରିନଥିବ ,ହୁଏତ ଭାଲୁର ସ୍କୁଟର ରେ ପେଟ୍ରୋଲ ସରି ଯାଇଥିବ ,ଦୋକାନରେ ଉପଯୁକ୍ତ ପରିମାଣରେ ବିସ୍କୁଟ ଓ ଦର୍ପଣ ମିଳି ନଥିବ, ବାଟରେ ତାର କୌଣସି ସାଙ୍ଗ ସହିତ ଭେଟ ହୋଇଥିବ,ଏପରି ଅନେକ କାରଣ ଆମ ମନକୁ ଆସିପାରେ ।

# ବାକ୍ୟ ଗଠନ ଲେଖ

ନମସ୍କାର –
ପୁରସ୍କାର –
ବ୍ୟାୟାମ-
ପଶୁପକ୍ଷୀ –
ପର୍ବତ –
ବର୍ଷା-
କ୍ରିକେଟ –
ଦର୍ପଣ –

# ବାକ୍ୟ ଗଠନ ଲେଖ

ନମସ୍କାର –ଗୁରୁଜୀ ଙ୍କୁ ଦେଖିଲେ ଆମେ ତାଙ୍କୁ ନମସ୍କାର କରିବା ଉଚିତ ।
ପୁରସ୍କାର –ଭଲ  କାମ କଲେ  ପୁରସ୍କାର ମିଳିଥାଏ ।
ବ୍ୟାୟାମ-ପ୍ରତିଦିନ  ବ୍ୟାୟାମ କଲେ ଶରୀର ସୁସ୍ଥ ରହେ ।
ପଶୁପକ୍ଷୀ –ପଶୁପକ୍ଷୀ ମାନଙ୍କର ଯତ୍ନ ନେବା ଉଚିତ ।
ପର୍ବତ –ପର୍ବତ  ଦୂରରୁ ସୁନ୍ଦର ଦିଶେ ।
ବର୍ଷା- ଗ୍ରୀଷ୍ମ ଋତୁ ପରେ ବର୍ଷା ଋତୁ ଆସେ।
କ୍ରିକେଟ –କ୍ରିକେଟ ଖେଳର ପ୍ରତିଟି ଦଳର ଏଗାର ଜଣ ଖେଳାଳି ଖେଳନ୍ତି
ଦର୍ପଣ –ଦର୍ପଣ ରେ ଆମେ ଆମର ପ୍ରତିଛବି ଦେଖିପାରୁ ।

# ବାକ୍ୟ ଗଠନ ଓ ପ୍ରଶ୍ନ ଉତ୍ତର କୁହ

ପର୍ବତ -
ବର୍ଷା-
ଗର୍ବ-
ସନ୍ଧ୍ୟା-
ସାହାଯ୍ୟ-

୧- ପଥର ଖୋଲ ଭିତରେ କିଏ କିଏ ରହୁଥିଲେ ?
୨ -ମାଙ୍କଡ କାହାକୁ କାହାକୁ ଖବର ଦେଲା ?
୩ -ପାଣିରେ ଥିବା ଜୀବ ମାନଙ୍କୁ କିଏ ଖବର ଦେଲା ?
୪ -ବିଜୟୀ ଦଳକୁ କଣ ପୁରସ୍କାର ଦିଆଗଲା ?

# ଗୃହକର୍ମ

## ଅଭ୍ୟାସ -୮ କୁ ଖାତାରେ କର ।



ODM EDUCATIONAL GROUP
*Changing your Tomorrow*

# <u>ଅଧ୍ୟୟନରୁ ଲବ୍ଧ ଜ୍ଞାନର ଫଳାଫଳ-</u>

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ତଥା ଚିନ୍ତନ ଶୈଳୀ ର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP